# Akashvani, Sambalpur

## SAMBALPURI NEWS EVENING BULLETIN

## 8 August 2025- 7.02 pm- 7.12 pm.

****************************************************

୧- ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ଆଏବା କାଏଲ୍ ବାଂଟ୍‌ବେ ମୁଖ୍ୟମନ୍ତ୍ରୀ ।

୨- ଆୟକର ଅଧିନିୟମ୍ ବିଲ୍-୨୦୨୫ କେ ପ୍ରତ୍ୟହାର୍ କଲେ କେନ୍ଦ୍ର ସର୍‌କାର୍ ।

- ଆଏବା ସୋମ୍‌ବାର୍ ଦିନ ଲୋକ୍‌ସଭା ନ ଆଗତ୍ ହେବା ସଂଶୋଧିତ୍ ବିଲ୍ ।

୩- ବିଧାନ୍‌ସଭାର୍ କାର୍ଯ୍ୟଧାରାକେ ଅଏତ୍‌କା ଫଟିକ୍ ଆଉ ସରଲ୍ ଭାବେ ଲୁକ୍‌କର୍ ପାଖ୍‌କେ ପୁହୁଁଚାବାର୍ ଲାଗି ଲୋକାର୍ପିତ୍ ହେଲା ନୂଆଁ ୱେବ୍‌ସାଇଟ୍ ।

ଆଉର୍

୪- ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଖେଲ୍‌କେ ତହଁକାବାର୍ ଲାଗି କ୍ରୀଡ଼ା ପ୍ରତିଯୋଗିତା କର୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍‌ର୍ ନିର୍ଦ୍ଦେଶ୍ ।

ସୁଭଦ୍ରା ଏକ୍ସ

କୋରାପୁଟ୍ ଜିଲ୍ଲାର୍ ଜୟପୁର୍ ନୁ ଆଏବା କାଏଲ୍ ସୁଭଦ୍ରା ଯୋଜ୍ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟ୍ବାର୍ ମୁଲ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁଟେ ସମାରୋହଥି ଏକାସାଙ୍ଗେ ୧ କୋଟିନୁ ଅଏତ୍କା ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ବାଂଟ୍ବେ । ଇଥିର୍ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଏଜ୍ଠାନୁ ୨ ଦିନିଆ କୋରାପୁଟ୍ ଗସ୍ତଥି ଯାଇଛନ୍ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ଅଧିକାରୀମାନ୍କର୍ ସାଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କର୍ବାର୍ ସହେତେ ସୁଭଦ୍ରା ଯୋଜ୍ନାର୍ ସମୀକ୍ଷା କରିଛନ୍ । ଏଥର ରାଜ୍ୟ ସର୍କାର୍ ସୀମ୍ନା ଇଲାକାର୍ କୋଟିଆକେ ପୁହୁଁଚିବେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ଆୟକର ବିଲ୍ ପ୍ରତ୍ୟାହାର୍ ଏନ୍ଏସ୍ଡି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏଜ୍ ଲୋକ୍ସଭା ନ ଆୟକର ଅଧିନିୟମ୍ ବିଲ୍-୨୦୨୫କେ ପ୍ରତ୍ୟାହାର୍

କରିଛନ୍ । ପାର୍ଲ୍ୟାମେଂଟରୀ ସିଲେକ୍ଟ କମିଟିର୍ ପ୍ରସ୍ତାବ୍ ଅନ୍‌ସାରେ ଅଲ୍‌ଗା କେତେଟା ନିୟମ୍‌କେ ଇ ଆୟକର ଅଧିନିୟମ୍ ବିଲ୍‌ଥି ଜୁଡ଼ିକରି ନୂଆଁ ଅଧିନିୟମ୍ ବିଲ୍ ଆଏବା ସୋମ୍‌ବାର୍ ଦିନ ଲୋକ୍‌ସଭା ନ ଆଗତ୍ କରାଯିବା ବଲି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ୍ କହିଛନ୍ ।

ଏଲ୍‌ପିଜି ଗ୍ୟାସ୍ ଏନ୍‌ଏସ୍‌ଡି

୨୦୨୫-୨୬ ଆର୍ଥିକ୍ ବଛ୍‌ରେ ଖାଉଟିମାନ୍‌ଙ୍କୁ ସୁଲଭ୍ ଦର୍‌ଥି ଏଲ୍‌ପିଜି ଗ୍ୟାସ୍ ଯୁଗେଇ ଦେବାର୍ ଲାଗି ୩୦ ହଜାର୍ କୋଟି ଟଙ୍କାର୍ ପ୍ରସ୍ତାବ୍‌କେ କେନ୍ଦ୍ର କେବିନେଟ୍ ନ ଆଏଜ୍ ଅନୁମୋଦନ୍ ମିଲିଛେ । ସେନ୍ତା ଇ ସମିଆଥି ପିଏମ୍-ଉଜ୍ଜ୍ୱଲା ହିତାଧିକାରୀଙ୍କୁ ରନ୍ଧନ୍ ଗ୍ୟାସ୍ ଯୁଗେଇ ଦେବାର୍ ଲାଗି ୧୨ ହଜାର୍ ୬୦ କୋଟି ଟଙ୍କାର୍ ପ୍ରସ୍ତାବ୍‌କେ ଭିଲ୍ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ମିଲିଛେ ବଲି ସୂଚ୍‌ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ । କେବିନେଟ୍‌ର ନିଷ୍ପତି ବାବ୍‌ଦେ ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ସରକାର୍‌ଙ୍କର୍ ଇ ଯୋଜ୍‌ନାଥି ଦେଶର୍ ୧୦ କୋଟି ୩୩ ଲାଖ୍ ପରିବାର ଲାଭ୍ ପାଇପାର୍‌ବେ ବଲି କହିଛନ୍ ।

(ଭଏସ୍ ଓଭର୍-ଅଶ୍ୱିନୀ ବୈଷ୍ଣବ୍)

ଇତାର୍ ଛଡ଼ା ବୈଷୟିକ୍ ଶିକ୍ଷାଥି ଗବେଷଣା ଆଉ ବହୁବିଧ ଶିକ୍ଷାର୍ ବିକାଶ ଲାଗି କେନ୍ଦ୍ର କେବିନେଟ୍ ୪ ହଜାର୍ ୨୦୦ କୋଟି ଟଙ୍କାର୍ ବଜେଟ୍ ଅର୍ଥ ସାହାଜ୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରିଛେ ।

ମୁଖ୍ୟମନ୍ତ୍ରୀ- ବୈଠକ୍ ହି.ସ.

ରାଏଜେ ଘଟୁଥିବା ଅପରାଧିର ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ବୈଠକ୍‌ଥି କ୍ରାଇମ୍‌ବ୍ରାଂଚ୍ ଆଉ ଗୁଇନ୍ଦା ମହାନିର୍ଦ୍ଦେଶକ୍ ଉପସ୍ଥିତ୍ ରହିକରି ରାଏଜେ ଘଟୁଥିବା ଅପରାଧ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଇଛନ୍ । ପୁଲିସ୍ ମହାନିର୍ଦ୍ଦେଶକ ବୈଠକ୍‌ଥି ଅପରାଧ୍ ବାବଦ୍ ବର୍ଷକର୍ ରିପୋର୍ଟ ଉପସ୍ଥାପନ୍ କରିଥିବାର୍ ଜନାପଡ଼ିଛେ ।

ରେଗିଂ ନିରୋଧୀ ସପ୍ତାହ ହି.ସ.

ବିଶ୍ୱ ବିଦ୍ୟାଳୟ ଅନୁଦାନ୍ ଆୟୋଗ୍- ୟୁଜିସି ତର୍‌ଫୁ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ଆଏବା ୧୨ ନୁ ୧୮ ତାରିଖ୍‌ତକ୍ ରେଗିଂ

ନିରୋଧୀ ସପ୍ତାହ ପାଲନ୍ କର୍‌ବାର୍ ଲାଗି ସବୁ ବିଶ୍ୱ ବିଦ୍ୟାଳୟର୍ କୁଲପତି ଆଉ ସଚିବ ମାନ୍‌କୁ ଚିଠି କରାଯାଇଛେ । କଲେଜ୍ ଆଉ ବିଶ୍ୱବିଦ୍ୟାଳୟ ପରିସର୍ ନ ଛାତ୍ରଛାତ୍ରୀମାନ୍‌କୁ ଆଂଟିରେଗିଂ ବାବ୍‌ଦେ ଭିନ୍ ଭିନ୍ ସଚେତନତା ମୂଲକ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କର୍‌ବାର୍‌କେ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ସବୁ କାର୍ଯ୍ୟକ୍ରମ୍‌ର ଫଟୋ ଆଉ ଭିଡ଼ିଓ ନିଜର୍ ଶିକ୍ଷାନୁଷ୍ଠାନ୍‌ର ସାମାଜିକ୍ ଗଣମାଧ୍ୟମ୍ ସାଇଟ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ୟୁଜିସି ତର୍‌ଫୁ କୁହାଯାଇଛେ ।

## ମାନସିକ ସ୍ୱାସ୍ଥ୍ୟ-କର୍ମଶାଳା I&PR

ଭୁବ୍‌ନେଶ୍ୱର୍ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷ ନ ମାନସିକ ସ୍ୱାସ୍ଥ୍ୟ ବାବଦ୍ ରାଜ୍ୟସ୍ତରୀୟ କର୍ମଶାଳା ଆଉ ବିକାଶ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁନୁଷ୍ ବେଶୀ ଦିନ୍ ଧରିକରି ମାନସିକ ଚାପଥି ରହେଲେ ମାନସିକ ରୋଗ୍‌ଥି ପିଡ଼ିତ୍ ହେଇଯାଏସନ୍ ବଲି କହିଛନ୍ । ଇତାର୍ ସଠିକ୍ ପରିଚାଳନା କର୍‌ବାର୍‌କେ ହେଲେ ଚାପଗ୍ରସ୍ତ ଲୁକେ ନିଜର୍ ଭିତ୍‌ରେ ସକାରାତ୍ମକ ହେବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ବିଧାନ୍‌ସଭା ନୂଆଁ ୱେବ୍‌ସାଇଟ       ହି.ସ.

ଓଡ଼ିଶା ବିଧାନ୍‌ସଭାର୍ ନୂଆଁ ୱେବ୍‌ସାଇଟ୍ 'ଓଡ଼ିଶା ଲେଜିସ୍ଲେଟିଭ୍ ଏସେମ୍ଲି' କେ ବାଚସ୍ପତି ସୁରମା ପାଢ଼ୀ ଆଏଜ୍ ଉନ୍ମୋଚନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପାଢ଼ୀ ବିଧାନ୍‌ସଭାର୍ କାର୍ଯ୍ୟଧାରାକେ ଲୁକ୍‌କର୍ ଲାଗି ଅଏତ୍‌କା ସୁଗମ୍ ଆର୍ ଫଟିକ୍ କର୍‌ବାର୍ ଦିଗେ ଇ ୱେବ୍‌ସାଇଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ବଲି କହିଛନ୍ । ଇ ୱେବ୍‌ସାଇଟ୍ ରାଜ୍ୟ ଆର୍ କେନ୍ଦ୍ର ସର୍‌କାର୍‌ଙ୍କର୍ ଏନ୍‌ଆଇସିଟି ବିଭାଗ୍‌ର ବୈଷୟିକ ପରାମର୍ଶଥି ତିଆର୍ କରାଯାଇଛେ । ଇଥି ବିଧାନ୍‌ସଭାର୍ ସବୁ ସଦସ୍ୟଙ୍କର୍ ତଥ୍ୟ ମହଜୁଦ୍ ରହେବା ।

ବିଦ୍ୟୁତ୍ ବିଲ୍ ସଂଶୋଧନ୍ ଶିବିର     ସମ୍ବଲପୁର ସମ୍ବାଦଦାତା

ବିଦ୍ୟୁତ୍ ବିତରକ କମ୍ପାନୀ-ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ପଶ୍ଚିମ ଓଡ଼ିଶାର ସବୁ ସେକ୍ସନ୍, ସବ୍‌ଡିଭିଜନ୍ ଆଉ ଡିଭିଜନ୍ କାର୍ଯ୍ୟାଳୟ ନ  ଆଏବା ୧୧ ନୁ ୧୩ ତାରିଖ୍ ଭିତ୍‌ରେ ବିଦ୍ୟୁତ୍ ବିଲ୍ ସଂଶୋଧନ୍ ଶିବିର୍ ଆୟୋଜନ୍ କରାଯିବା । ଶିବିର୍‌ଥି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ରହିକରି ଗ୍ରାହକ୍‌ମାନ୍‌କର୍

ବିଲ୍ ବାବଦ୍ ଭିନ୍ ଭିନ୍ ସମସ୍ୟାର୍ ତୁର୍ତି ସମାଧାନ୍ କର୍ବେ । ଇତାର୍ସହେତେ ଗ୍ରାହକ୍ମାନ୍କର୍ ମାସିକ୍ ବିଲ୍ ଦାଖଲ୍ ବ୍ୟବସ୍ଥାକେ ଭିଲ୍ ସୁବିଧାଜନକ୍ ଭାବେ କରାଯିବା ବଲି ଟିପିଡବ୍ଲୁଓଡିଏଲ୍ ତର୍ଫୁ କୁହାଯାଇଛେ ।

ଫାଇଲେରିଆ ଉଷୋ          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ନ ଆଏବା ୧୦ ନୁ ୧୯ ତାରିଖ୍ତକ୍ ଫାଇଲେରିଆ ନିରାକରଣ୍ ଲାଗି ସାମୂହିକ୍ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ହେବା । ଇତାର୍ ପ୍ରସ୍ତୁତିକେ ନେଇକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତର୍ଫୁ ଆଏଜ୍ ସାମ୍ବାଦିକ୍ ସମ୍ମିଲନୀ ଜରିଏ ସୂଚ୍ନା ଦିଆଯାଇଛେ । ଅଭିଯାନ୍ଥି ଆଶା, ଅଙ୍ଗନବାଡ଼ି କର୍ମୀ ଆଉ ତାଲିମ୍ ପାଇଥିବା ସ୍ୱେଚ୍ଛାସେବୀ ମାନେ ଘର୍ ଘର୍ ଯାଇକରି ଲୁକ୍କୁ ଫାଇଲେରିଆ ନିରୋଧୀ ଉଷୋ ଖୁଆବେ । ଇତାର୍ସହେତେ ଫାଇଲେରିଆ ରୋଗ୍ ବାବ୍ଦେ ଲୁକ୍କୁ ସଚେତନ୍ କର୍ବେ ବଲି ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଅଶୋକ ଦାସ କହିଛନ୍ ।

ଶିଶୁ ସୁରକ୍ଷା ଜିଲ୍ଲା ଟାସ୍କଫୋର୍ସ ବୈଠକ୍  ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଶିଶୁ ସୁରକ୍ଷା ଜିଲ୍ଲା ଟାସ୍କଫୋର୍ସର ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ୍‌ଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଅଧ୍ୟକ୍ଷତା କରିଥିଲେ । ବୈଠକ୍‌ଥି ଜିଲ୍ଲା ନ ଶିଶୁ ସୁରକ୍ଷା ଆଉ ବିକାଶ୍‌କେ ନେଇକରି ଥିବା ଯୋଜ୍‌ନା ଆଉ ନିୟମ୍ ମାନ୍‌କର୍ କାର୍ଯ୍ୟକାରିତା ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଶିଶୁ ସୁରକ୍ଷା ଅଧିକାରୀ ମିଶନ୍ ବାତ୍ସଲ୍ୟ, ଆର୍ଶିବାଦ୍ ଯୋଜ୍‌ନା, ଯଶୋଦା ଯୋଜ୍‌ନା ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଥିଲେ । ଇ ଅବ୍‌ସରେ ପଂଚାୟତ୍ ନିର୍ବାହୀ ଅଧିକାରୀ ମାନ୍‌କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଆଉ ଫି' ସ୍କୁଲ୍‌ର ପ୍ରଧାନ୍ ଶିକ୍ଷକ୍ ମାନ୍‌କୁ ବାଲ୍ୟବିବାହ ସୂଚନା ଅଧିକାରୀ ଭାବେ ଘୋଷ୍‌ନା କରାଯାଇଛେ ।

ବୁଥ୍‌ସ୍ତରୀୟ ଅଧିକାରୀ-ତାଲିମ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ନିର୍ଭୁଲ୍ ଭୋଟର୍ ତାଲିକା ତିଆର୍ କର୍‌ବାର୍ ଆଉ ଇ ବଛର୍ ଲାଗୁ ହେବାର୍‌କେ ଥିବା ବିଶେଷ ସଘନ ସଂଶୋଧନ୍ ବାବ୍‌ଦେ ଇଥି ବୁଥ୍ ଅଧିକାରୀମାନ୍‌କୁ

ତାଲିମ୍ ଦିଆଯାଉଛେ । ଉପଜିଲ୍ଲାପାଲ୍ ଆଉ ନିର୍ବାଚନ୍ ପଞ୍ଜିକରଣ୍ ଅଧିକାରୀ ଅରକ୍ଷିତ ସାହୁଙ୍କର୍ ତତ୍ତ୍ୱାବଧାନ୍‌ଥି ପହେଲା ଦିନ ଆଏଜ୍ ଜିଲ୍ଲାର୍ ବାର୍‌କୋଟ ଆଉ ରିଆମାଲ୍ ସମ୍ମିଲନୀ କକ୍ଷ ନ ବୁଥ୍ ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଇଥିଲା । ଡେପୁଟି କଲେକ୍ଟର୍ ସୂର୍ଯ୍ୟକାନ୍ତ ବରିହା, ରିଆମାଲ୍ ଗୋଷ୍ଠୀ ଉନ୍ନୟନ୍ ଅଧିକାରୀ ଆଦିତ୍ୟ ପଣ୍ଡା, ବାର୍‌କୋଟ ଗୋଷ୍ଠୀ ଉନ୍ନୟନ୍ ଅଧିକାରୀ ସିଦ୍ଧେଶ୍ୱର୍ ନାୟକ୍ ଆର୍ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ମା’ ପାଇଁ ଗଛଟିଏ        ନୂଆପଡ଼ା  ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଡିଗ୍ରୀ ମହିଳା କଲେଜ୍ ପରିସର୍ ନ ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲା ଗଠନ୍ ଆର୍ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । କଲେଜ୍ ଅଧକ୍ଷା ଲିଜା ଆଚାର୍ଯ୍ୟଙ୍କର୍ ଅଧକ୍ଷତାଥି ଓଡ଼ିଶା ଜିବିକା ମିଶନ୍ ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ଆଲୋକ୍ କୁମାର୍ ମଲ୍ଲିକଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ, ମହିଳା ଏସ୍‌ଏଚ୍‌ଜି ସଦସ୍ୟମାନେ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ଜିଲ୍ଲାକେ ପ୍ଲାଷ୍ଟିକ୍ ମୁକ୍ତ କର୍‌ବାର୍ ଦିଗେ ସଭେ ମିଶିକରି ପଦକ୍ଷେପ୍ ନେବାର୍‌କେ  ଶପଥ୍ ନେଇଥିଲେ ।

ଇତାର୍‌ଛଡ଼ା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଆହ୍ୱାନ୍‌ଥି ଘରେ ଘରେ ତ୍ରିରଙ୍ଗା ଲଗାବାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

ଯୁକ୍ତ ଦୁଇ-କ୍ରୀଡ଼ା ପ୍ରତିଯୋଗିତା ହି.ସ.

ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଖେଲ୍‌କେ ତହଁକାବାର୍ ଲାଗି କ୍ରାଡ଼ା ପ୍ରତିଯୋଗିତା କର୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସବୁ କଲେଜ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ୧୯ ବଛର୍‌ନୁ କମ୍ ବୟସର୍ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ୩୫ ଟା ପ୍ରତିଯୋଗିତା କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ଚିଠି କରାଯାଇଛେ । ଅକ୍ଟୋବର୍ , ନଭେମ୍ବର୍ ଆଉ ଡିସେମ୍ବର୍ ମାସେ ଇ କ୍ରୀଡ଼ା ପ୍ରତିଯୋଗିତା କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ୱାର୍ଲ୍ଡ ଏଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍ ଚମ୍ପିଆନ୍‌ସିପ୍/I&PR

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା ୧୦ ତାରିଖ୍‌ନୁ ହେବାର୍‌କେ ଥିବା ୱାର୍ଲ୍ଡ ଏଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍ ଚମ୍ପିଆନ୍‌ସିପ୍ ଲାଗି ଦେଶ୍ ବିଦେଶ୍‌ନୁ ଖେଲାଲିମାନେ ଓଡ଼ିଶା ପୁହୁଁଚିବାର୍‌କେ ଲାଗିଛନ୍ ।

ଭୁବ୍‌ନେଶ୍ୱର୍‌କେ ପୁହୁଁଚିବାର୍ ଉତ୍‌ରୁ ଖେଲାଲିମାନ୍‌କୁ ରାଜ୍ୟ କ୍ରୀଡ଼ା ବିଭାଗ୍ ତର୍‌ଫୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛେ । ସେଆଡ଼େ ଅନ୍ତର୍ଜାତୀୟ ସ୍ତରର୍ ଇ ଖେଲ୍‌କେ ନେଇକରି ରାଜ୍ୟର୍ ଖେଲାଲି ଆଉ କ୍ରୀଡ଼ାପ୍ରେମୀ ମାନ୍‌କର୍ ଭିତ୍‌ରେ ଅଲ୍‌ଗା ପ୍ରକାର୍ ଉସ୍‌ନାକି ଦେଖ୍‌ବାର୍‌କେ ମିଲିଛେ । ପ୍ରଶାସନ୍ ତର୍‌ଫୁ ଖେଲ୍ ଲାଗି ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଆଏବା ୧୧ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପାଖାପାଖି ସବୁ ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।

ସେଆଡ଼େ ଆଏବା ୨୦ ତାରିଖ୍ ବେଲ୍‌କେ ବଙ୍ଗୋପ୍‌ସାଗର୍ ନ ଫେର୍‌ଗୁଟେ ଘୂର୍ଣ୍ଣିବଳୟ କି ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ବଢ଼ିପାରେ ବଲି କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।